# ଟହସିଲଦାରଙ୍କ ଅଦାଲତ, କେନ୍ଦୁଝର

**ରାଜସ୍ୱ ବିବିଧ ମାମଲା ସଂଖ୍ୟା- ୧୬୭ /୨୦୨୫**

## ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିରେ **ସିଭିଲ କୋର୍ଟ, କେନ୍ଦୁଝର "ନୂତନ ଅଦାଲତ ଗୃହ"** ସ୍ଥାପନ କରିବା ନିମନ୍ତେ ଆବେଦନ କରିଛନ୍ତି। ଯେହେତୁ ଏହି ଜମି ଗୁଡିକର କିସମ ଶାରଦ-୧ ଏବଂ ଶାରଦ-୨ ରହିଅଛି , ଏହାର କିସମ ପତିତକୁ ପରିବର୍ତ୍ତନ କରାଯାଇ ଏହି ସରକାରୀ ଜମିକୁ ସେହି ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଉକ୍ତ ସଂସ୍ଥା ନାମେ ବନ୍ଦୋବସ୍ତ କରାଯିବା ପାଇଁ ସ୍ଥିର ହୋଇଛି। ଉକ୍ତ ସରକାରୀ ଜମିକୁ ସେହି ଉଦ୍ଦେଶ୍ୟରେ ପରିବର୍ତ୍ତନ କରାଗଲେ, ଯଦି କୌଣସି ବ୍ୟକ୍ତି ବିଶେଷ/ ସଂପୃକ୍ତ ପୌରପାଳିକାଙ୍କର କୌଣସି ଆପତ୍ତି ଅଭିଯୋଗ ଥାଏ, ତାହା ହେଲେ ସେ/ ସେମାନେ ଏହି ଇସ୍ତାହାର ପ୍ରକାଶନର ୧୫ ଦିନ ମଧ୍ୟରେ ସେମାନଙ୍କର ଆପତ୍ତି ଅଭିଯୋଗ ଲିଖିତ ଆକାରରେ ଟ ୨୦.୦୦ ଙ୍କା (କୋଡିଏ ଟଙ୍କା ) ର କୋର୍ଟ ଫି ସଂଲଗ୍ନ କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଦରଖାସ୍ତ କରିପାରିବେ ଏବଂ ତାହା ବିଚାର ପାଇଁ ଗ୍ରହଣ ଯୋଗ୍ୟ ହେବ । ନିର୍ଦ୍ଧାରିତ ସମୟ ପରେ କୌଣସି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବ ନାହିଁ।

## ତଫସିଲ

### ମୌଜା- ଆଟ ଉପର- ବଡପୋଖରିତଲ ୟୁ.ନଂ- ୦୫

| ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା (ଏକରରେ) | ଖାତା ନଂ. | ପ୍ରସ୍ତାବିତ ପ୍ଲଟ ନଂ | ପ୍ରସ୍ତାବିତ କିସମ | ପ୍ରସ୍ତାବିତ ରକବା (ଏକରରେ) |
|---|---|---|---|---|---|---|---|
| ୪୮୨ (ଅନାବାଦି) | ୧୨୨୭ | ଶାରଦ୧- | ୦.୭୪୦ | ୪୮୨ (ଅନାବାଦି) | ୧୨୨୭ | ପତିତ | ୦.୭୪୦ |
| | ୧୨୪୦ | ଶାରଦ୨- | ୦.୧୦୫ | | ୧୨୪୦ | ପତିତ | ୦.୧୦୫ |
| | ୧୨୪୧ | ଶାରଦ୨- | ୦.୨୪୦ | | ୧୨୪୧ | ପତିତ | ୦.୨୪୦ |
| | ୧୨୨୬ | ଶାରଦ୨- | ୦.୨୧୦ | | ୧୨୨୬ | ପତିତ | ୦.୨୧୦ |
| **ମୋଟ:** | **୪ଟି ପ୍ଲଟ** | | **୧.୨୯୫** | | | | **୧.୨୯୫** |

3/12/25

**ତହସିଲଦାର, କେନ୍ଦୁଝର**
TAHASILDAR KEONJHAR

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମର ପ୍ରକାଶ୍ୟ ସ୍ଥାନରେ ଡାକବାଜି ଯନ୍ତ୍ର ଦ୍ୱାରା / ଅନ୍ୟ ଏକକିତା ନକଲ କେନ୍ଦୁଝର ପୌରପାଳିକା କାର୍ଯ୍ୟାଳୟ/ ଅନ୍ୟ ଏକକିତା ନକଲ District Website: https://keonjhar.odisha.gov.in ରେ ପ୍ରକାଶନ ପାଇଁ ଏବଂ ଅନ୍ୟ ଏକକିତା ତହସିଲ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ନୋଟିସ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରିତ ହେଲା ।

3/12/25

**ତହସିଲଦାର, କେନ୍ଦୁଝର**
TAHASILDAR KEONJHAR